# Akashvani, Sambalpur

## SAMBALPURI NEWS EVENING BULLETIN

**30 October 2024- 7.02 pm- 7.12 pm.**

**********************************************

୧- ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍ ଆଏବା ୨୬ ତାରିଖ୍‌ନୁ ହେବା ମୁଲ୍ ।

- ଅଧିବେଶନ୍‌ଥି ରହିଛେ ୩୦ ଟା କାର୍ଯ୍ୟଦିବସ୍ ।

୨- ବିହାର୍ ପାଟ୍‌ନା ନ ମେଟ୍ରୋ ରେଲ୍ ପ୍ରକଳ୍ପ ଦୁର୍ଘଟଣାଥି ଜୀବନ୍ ହରେଇଥିବା ଦୁଇ ଝନ୍ ଓଡ଼ିଆ ଶ୍ରମିକଙ୍କର୍ ଲାଗି ୬ ଲାଖ୍ ଲେଖା ସାହାଜ୍ ଟଙ୍କା ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୩- ସୁଭଦ୍ରା ଯୋଜ୍‌ନାନୁ ବାଦ୍ ପଡ଼ିଥିବା ଅଙ୍ଗନବାଡ଼ି କର୍ମୀମାନ୍‌କୁ ମିଲ୍‌ବା ଟଙ୍କା- କହେଲେ ଉପମୁଖ୍ୟମନ୍ତ୍ରୀ ।

୪- ରାଏଜେ ଆଏବା ମାସ୍‌ନୁ ହିତାଧିକାରୀମାନେ ପାଏବେ ନୂଆଁ ରାସନ୍‌କାର୍ଡ଼ ।

ଆଉର୍

୫- ଛଟ୍‌ପୂଜା ଆର୍ ଦିଆଲୀ ଅବ୍‌ସରେ ଭାରତୀୟ ରେଲ୍ ତର୍‌ଫୁ ଚଲାଚଲ୍ କରୁଛେ ୭ ହଜାର୍ ୨ ଶହ ୯୬ ଟା ସ୍ୱତନ୍ତ୍ର ଟ୍ରେନ୍ ।

ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନଆର୍‌ଏନ୍‌ୟୁ ସମ୍ବଲପୁର

୧୭ ନମ୍ବର୍ ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ଆଏବା ମାସ ୨୬ ତାରିଖ୍‌ନୁ ମୁଲ୍ ହେଇକରି ଡିସେମ୍ବର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ଇ ଅଧିବେଶନ୍‌ଥି ମୋଟ୍ ୩୦ ଟା କାର୍ଯ୍ୟଦିବସ୍ ରହିଛେ । ଇ ବାବ୍‌ଦେ ଓଡ଼ିଶା ବିଧାନ୍‌ସଭା ସଚିବାଳୟ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଅଧିବେଶନ୍‌ର ପହେଲା ଦିନେ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ପହେଲା ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରାଯିବା । ଡିସେମ୍ବର୍ ୫ ତାରିଖ୍ ଦିନ ଅତିରିକ୍ତ ବଜେଟ୍ ଉପ୍‌ରେ ବ୍ୟୟ ମଞ୍ଜୁରୀ ବିଲ୍ ଉପସ୍ଥାପିତ୍ ହେବା । ଇ ୩୦ ଟା କାର୍ଯ୍ୟଦିବସ୍ ଭିତ୍‌ରୁ ୨୫ ଟା ସର୍‌କାରୀ କାର୍ଯ୍ୟଦିବସ୍ ଥିବାର୍ ବେଲେ ଆଉ ୫ ଟା ବେସର୍‌କାରୀ କାର୍ଯ୍ୟଦିବସ୍ ରହିଛେ ।

ମେଟ୍ରୋ ରେଲ୍ ପ୍ରକଳ୍ପ ଦୁର୍ଘଟଣା ଆର୍‌ଏନ୍‌ୟୁ/ କଟକ୍

ବିହାର୍‌ର ପାଟ୍‌ନା ଠାନେ ତିଆର୍ ହେଉଥିବା ମେଟ୍ରୋ ରେଲ୍ ପ୍ରକଳ୍ପ ଦୁର୍ଘଟଣାଥି ୨ ଜନ୍ ଓଡ଼ିଆ ଶ୍ରମିକଙ୍କର୍ ମୃତ୍ୟୁ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକ ପ୍ରକାଶ କରିଛନ୍ । ମୃତ ଶ୍ରମିକଙ୍କର୍ ପରିବାର୍‌କେ ୬ ଲାଖ୍ ଲେଖା ଟଙ୍କା ସାହାଜ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା

କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୮ ତାରିଖ୍ ଦିନ ପାଟ୍ନା ଠାନେ ଇ ଦୁର୍ଘଟଣା ଘଟିଥିଲା । ଇଥି ନୟାଗଡ଼୍ ଜିଲ୍ଲା ଗଣିଆ ବ୍ଲକ୍ ରାସଙ୍ଗ ପଂଚାୟତ୍-ଗୋଛାବାଡ଼ି ଗାଁର୍ ମନୋଜ୍ ବେହେରା ଆର୍ କାଦୁଆ ଗାଁର୍ ବିଜୟ ବେହେରା ଜୀବନ୍ ଯାଇଥିଲା ।

ଅଙ୍ଗନବାଡ଼ି କର୍ମୀ-ସୁଭଦ୍ରା ଯୋଜ୍ନା ଆର୍ଏନ୍ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍ନାଥି ବାଦ୍ ପଡ଼ିଥିବା ଅଙ୍ଗନବାଡ଼ି କର୍ମୀମାନ୍କୁ ୩ ନମ୍ବର୍ ଖେପ୍ଥି ପହେଲା କିସ୍ତି ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚ୍ନା ଦେଇଛନ୍ । ସେନ୍ତା ଖାରଜ୍ ହେଇଥିବା ୨ ଲାଖ୍ ୬୭ ହଜାର୍ ଦର୍ଖାସ୍ତ ଆବେଦନ୍ର ଫେର୍ଘାଏ ଯାଂଚ୍ କରାଯିବା । ସୁଭଦ୍ରା ଯୋଜ୍ନାନୁ କେନ୍ସି ଭିଲ୍ ହିତାଧିକାରୀ ବାଦ୍ ନାଇଁ ପଡ଼ନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ । (ଭଏସ୍ ଓଭର୍-୧- ଉପମୁଖ୍ୟମନ୍ତ୍ରୀ)

ଦିଆଲି- ମାର୍ଗଦର୍ଶିକା ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ପ୍ରଦୂଷଣ ବୋର୍ଡ଼ ତର୍ଫୁ ଦିଆଲୀଥି ଫଟ୍କା ଫଟାବାର୍ ଲାଗି ମାର୍ଗଦର୍ଶିକା ଜାରି କରାଯାଇଛେ । ସଞ୍ଜର୍ ୭ ବଜେନୁ ରାତି ୯ ବଜେତକ୍ ଫଟ୍କା ଫଟାବାର୍କେ ଅନୁମତି

ଦିଆଯାଇଛେ । ହେଲେ କମ୍ ପ୍ରଦୂଷଣ ହେଉଥିବା ଆର୍ ଶହେ ୨୫ ଡେସିବଲ୍‌ନୁ କମ୍ ଆବାଜ୍ କରୁଥିବା ଫଟ୍‌କା ଫଟ୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

କାଜୁ ସମ୍ମିଲନୀ, ପ୍ରଦର୍ଶନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଓଡ଼ିଶା ରାଜ୍ୟ କାଜୁ ନିଗମ୍ ତର୍‌ଫୁ ଆଏଜ୍ ଗୁଟେ କାଜୁ ସମ୍ମିଲନୀ ଆଉ ପ୍ରଦର୍ଶନୀ ଆୟୋଜିତ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି କାଜୁ ନିଗମ୍ ପରିଚାଳନା ନିର୍ଦ୍ଦେଶକ୍ ନିଖିଲ୍ ପୱନ୍ କଲ୍ୟାଣ୍ ଯୋଗ୍ ଦେଇକରି କହିଛନ୍ ଯେ, ଓଡ଼ିଶାନୁ ଉତ୍ପାଦିତ ହେଉଥିବା କାଜୁର ଗୁଟେ ନିଜର୍ ବ୍ରାଣ୍ଡ୍ ରହେବାର୍ ଦର୍‌କାର୍ । ଏଛେନ୍ ରାଏଜେ ୨୭ ହଜାର୍ ହେକ୍ଟର୍ ଜମିଥି କାଜୁ ଚାଷ୍ କରାଯାଉଛେ । କାଜୁ ନିଗମ୍ ଅଧିନ୍‌ଥି ୫ ଶହ ୮୭ ଟା ପ୍ଲାଂଟେସନ୍ ଜାଗା ରହିଛେ । ସେଥୁ ପାଖାପାଖି ୩୫ ନୁ ୪୦ ଲାଖ୍ ଭଲ୍ କିସମ୍‌ର କାଜୁ ଚାରା ଉତ୍ପାଦନ୍ ହେଉଛେ ବଲି ସେ କହିଛନ୍ । ଇ ସମ୍ମିଲନୀଥି ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ଆସିଥିବା କାଜୁ ଚାଷୀ, ନିଲାମ୍‌ଧାରୀ ମାନେ ଯୋଗ୍ ଦେଇକରି କାଜୁର ଭିନ୍ ଭିନ୍ କିସମ୍ ଆର୍ ଜଲ୍‌ବାୟୁ ପରିବର୍ତ୍ତନ୍‌ର କାଜୁ ଚାଷ୍ ଉପ୍‌ରେ ପଡୁଥିବା ପ୍ରଭାବ୍ ବାବ୍‌ଦେ ଆଲୋଚନା କରିଥିଲେ । ଇତାର୍‌ସହେତେ

୨୦୨୫ ବଛର୍ ଲାଗି ନିଗମ୍ ତର୍ଫୁ ଗୁଟେ ଭିଜନ୍ ଡକ୍ୟୁମେଂଟ୍ ତୟାର୍ କରାଯାଇଥିଲା ।

ନୂଆଁ ରାସନ୍‌କାର୍ଡ୍-ହିତାଧିକାରୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ମାସ୍‌ନୁ ହିତାଧିକାରୀମାନେ ନୂଆଁ ରାସନ୍‌କାର୍ଡ୍ ପାଏବେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ୧୦ ଲାଖ୍ ଆବେଦନ୍‌କାରୀଙ୍କର୍ ଦର୍‌ଖାସ୍ତ ଯାଂଚ୍ ଉତ୍‌ରୁ ରାସନ୍‌କାର୍ଡ୍ ଦିଆଯିବା । ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ୍ ହେଲେ ଅଯୋଗ୍ୟ ହିତାଧିକାରୀମାନ୍‌କୁ ଚିହ୍ନଟ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ସ୍ୱତନ୍ତ୍ର ଟ୍ରେନ୍-ଭାରତୀୟ ରେଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛଟ୍ ପୂଜା ଆର୍ ଦିଆଲୀ ଅବ୍‌ସରେ ଭାରତୀୟ ରେଲ୍ ତର୍ଫୁ ୭ ହଜାର୍ ୨ ଶହ ୯୬ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରାଯାଉଛେ । ଯାତ୍ରୀମାନ୍‌କର୍ ସୁବିଧାର୍ ଲାଗି ରେଲ୍‌ବାଇ ତର୍ଫୁ ଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛେ ବଲି ସୂଚ୍‌ନା ମିଲିଛେ । ସେନ୍ତା ଷ୍ଟେସନ୍ ମାନ୍‌କେ ଭିଡ୍‌କେ ନଜର୍‌ଥି

ରଖିକରି ଆର୍‌ପିଏଫ୍ ତର୍‌ଫୁ ଯାତ୍ରୀମାନ୍‌କୁ ଧାଡ଼ି କରି ଟ୍ରେନ୍ ଭିତର୍‌କେ ଛଡ଼ାଯାଉଛେ ।

ଭୁବ୍‌ନେଶ୍ୱର-ବିଶାଖାପାଟ୍‌ନମ ଟ୍ରେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂଜା ଭିଡ୍‌କେ ନଜର୍‌ଥି ରଖିକରି ପୂର୍ବତଟ ରେଲ୍‌ପଥ ତର୍‌ଫୁ ଭୁବ୍‌ନେଶ୍ୱର ଆର୍ ବିଶାଖାପାଟ୍‌ନମ୍ ଭିତ୍‌ରେ ଅଣସଂରକ୍ଷିତ ସାଧାରଣ ସ୍ୱତନ୍ତ୍ର ଟ୍ରେନ୍ ଗଲାକାଏଲ୍ ଚଲାଚଲ୍ କରୁଛେ । ଇ ଟ୍ରେନ୍ ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା । ବିଶାଖାପାଟ୍‌ନମ୍ ଭୁବ୍‌ନେଶ୍ୱର୍ ଜନସାଧାରଣ ସ୍ୱତନ୍ତ୍ର ଟ୍ରେନ୍ ଦିନର୍ ୧୨ ବଜେ ବିଶାଖାପାଟ୍‌ନମ୍ ନୁ ଛାଡ଼ିକରି ସଞ୍ଜର୍ ୭ ବାଜିକରି ୪୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ପୁହୁଁଚିବା । ସେନ୍ତା ଫିର୍‌ବାର୍ ସମିଆଥି ରାତି ସାଢ଼େ ୧୦ ବଜେ ଭୁବ୍‌ନେଶ୍ୱର୍‌ନୁ ଛାଡ଼ିକରି ସଖାଲର୍ ୮ ବାଜିକରି ୪୫ ମିନିଟ୍‌ଥି ବିଶାଖାପାଟ୍‌ନମ୍ ପୁହୁଁଚିବା । ଇ ସ୍ୱତନ୍ତ୍ର ଟ୍ରେନ୍ ଖୋର୍ଦ୍ଧା ରୋଡ୍, ବାଲୁଗାଁ, ଛତ୍ରପୁର୍, ବ୍ରହ୍ମପୁର୍ ଆର୍ ଅଲ୍‌ଗା ଷ୍ଟେସନ୍ ମାନ୍‌କେ ରହେବା ।

ପି.ଆଇ.ବି.-ଆଂଚଲିକ୍ ଗଣମାଧ୍ୟମ୍ କର୍ମଶାଳା ପି.ଆଇ.ବି.

ଭାରତ୍ ସର୍କାର୍ଙ୍କର୍ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ପତ୍ର ସୂଚନା କାର୍ଯ୍ୟାଳୟ- ପି.ଆଇ.ବି. ଭୁବ୍‌ନେଶ୍ୱର୍ ତର୍‌ଫୁ ନୟାଗଡ଼୍ ନ ଆଏଜ୍ ଆଂଚଲିକ୍ ଗଣମାଧ୍ୟମ୍ କର୍ମଶାଳା 'ବାର୍ତାଳାପ' ହେଇଯାଇଛେ । ନୟାଗଡ଼୍ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସର୍କାର୍ଙ୍କର୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଲୋକାଭିମୁଖୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା ହେଇଥିଲା । ଇ କାର୍ଯ୍ୟକ୍ରମ୍‌ଥି ପି.ଆଇ.ବି.ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଲ୍ କୁମାର୍ ମିଶ୍ର, ନୟାଗଡ଼୍ ଅତିରିକ୍ତ ଜିଲ୍ଲାପାଲ୍ ରୋଜିନା ଦାସ, ଡାକ ବିଭାଗ୍ ନୟାଗଡ଼୍ ଡିଭିଜନ୍‌ର ଅଧିକ୍ଷକ ଖଗେଶ୍ୱର୍ ମଲ୍ଲିକ୍ ଯୋଗ୍ ଦେଇକରି କେନ୍ଦ୍ର ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୫୦ ନୁ ଅଏତ୍‌କା ସାମ୍ବାଦିକ୍ ସାମିଲ୍ ହେଇଥିଲେ ।

ଜାତୀୟ ଏକତା ଦିବସ୍ -ସମ୍ବଲପୁର ଆର୍‌ଏନ୍‌ୟୁ/ସମ୍ବଲପୁର

ସୂଚନା ପ୍ରସାରଣ ମନ୍ତ୍ରଣାଳୟର କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ- ସମ୍ବଲ୍‌ପୁର୍ ଶାଖା ତର୍‌ଫୁ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ପରିସର୍ ନ ଜାତୀୟ ଏକତା ଦିବସ୍ ପାଳନ୍ କରାଯାଉଛେ । ଇ ଅବ୍‌ସରେ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ସ୍ମୃତିଥି

ଗୁଟେ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀର ଆୟୋଜନ୍ ହେଇଛେ । ସର୍ଦ୍ଦାର୍ ପଟେଲ୍ଙ୍କର୍ ଜୀବନୀ, ସ୍ୱାଧୀନ୍ ଭାରତ୍ର ଗଡ଼ଜାତ ପ୍ରଦେଶ୍ ଆଉ ରାଜ୍ୟମାନ୍କର୍ ଭାରତ୍ ସାଙ୍ଗେ ମିଶ୍ବାର୍ ଲାଗି ନେଇଥିବା ଗୁଟେ ଶକ୍ତିଶାଳୀ ନେତୃତ୍ୱ ଆଉ ଜାତୀୟ ଏକତା ଦାୟିତ୍ୱ ଉପ୍ରେ ଆଧାରିତ୍ ଇ ଫଟୋଚିତ୍ର ପ୍ରଦର୍ଶନୀଥି ଠାନ୍ ପାଇଛନ୍ । ଇ ଅବ୍ସରେ ସାଂସ୍କୃତିକ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଇ ଫଟୋଚିତ୍ର ପ୍ରଦର୍ଶନୀକେ ଦେଖ୍ବାର୍ ଲାଗି ଲୋକ୍ମାନ୍କର୍ ଭିଡ଼୍ ହେଉଛେ ।

ବନକଲାଗି ନୀତି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀବିଗ୍ରହମାନ୍କର୍ ବନକଲାଗି ନୀତି ହେଉଛେ । ସେଥିର୍ଲାଗି ୨ ନମ୍ବର୍ ଭୋଗମଣ୍ଡପ ନୀତି ଶେଷ୍ ହେବାର୍ ଉତ୍ରୁ ଉପର୍ବେଲା ୫ ବଜେନୁ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ । ଦତ ମହାପାତ୍ର ଆଉ ଦଇତାପତି ସେବକ୍ମାନେ ଗୁପ୍ତନୀତି କରୁଛନ୍ ।

ଦୁର୍ନୀତି ନିବାରଣ ସପ୍ତାହ କଳାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ଜିଲ୍ଲା ପ୍ରଶାସନ୍ ଆର୍ ଦୁର୍ନୀତି ନିବାରଣ୍ ବିଭାଗ୍ ତର୍ଫୁ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଇଯାଇଛେ । ଜିଲ୍ଲାପାଲ୍ ସଚୀନ୍ ପାଓ୍ଵାର୍ ପ୍ରକାଶ୍ଙ୍କର୍ ସଭାପତିତ୍ୱଥି ହେଇଥିବା ବୈଠକ୍ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଶିକ୍ଷାବିତ୍ ଉମେଶ୍ ଚନ୍ଦ୍ର ଶତପଥୀ, ଭବାନୀପାଟ୍ନା ଭିଜିଲାନ୍ସ ଡିଏସ୍ପି ପ୍ରଦୀପ୍ କୁମାର୍ ଆଇନ୍ଦ ପ୍ରମୁଖ ଯୋଗ୍ ଦେଇକରି ଦୁର୍ନୀତିକେ ମୂଳୋତ୍ପାଟନ କର୍ବାର୍ ଲାଗି ଶପଥ୍ ପାଠ କରିଥିଲେ । ଇ ଅବ୍ସରେ ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତି ଛାତ୍ରଛାତ୍ରୀମାନ୍କୁ ପୁରସ୍କୃତ୍ କରାଯାଇଥିଲା । ଇତାର୍ଛଡ଼ା ଗୁଟେ ସଚେତନତା ଶୋଭାଯାତ୍ରା ବାହାରିକରି ଭବାନୀପାଟ୍ନା ସହର୍ ପରିକ୍ରମା କରିଥିଲା ।

## ଦୁର୍ନୀତି ନିବାରଣ୍ ସପ୍ତାହ ପାଳନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ଆଉ ଏନ୍ଏସି ତର୍ଫୁ ଦୁର୍ନୀତି ନିବାରଣ୍ ସପ୍ତାହ ପାଳନ ଅବ୍ସରେ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଇ ଶୋଭାଯାତ୍ରା ବ୍ଲକ୍ କାର୍ଯ୍ୟାଳୟନୁ ବାହାରିକରି ସହର୍ ପରିକ୍ରମା କରିଥିବାର୍ ବେଳେ ଏନ୍ଏସି କାର୍ଯ୍ୟାଳୟ ଆର୍ ବ୍ଲକ୍ କାର୍ଯ୍ୟାଳୟ ନ ଶପଥ୍ ପାଠ୍ କରାଯାଇଥିଲା । ଶୋଭାଯାତ୍ରାଥି ବ୍ଲକ,

ତହସିଲ୍ ଆର୍ ଏନ୍‌ଏସିର କର୍ମଚାରୀମାନେ ସାମିଲ୍ ହେଇଥିଲେ ।

ବିଶ୍ୱ ମିତବ୍ୟୟିତା ଦିବସ /ଆର୍‌ଏନ୍‌ୟୁ ସମ୍ବଲପୁର

ଆଏଜ୍ ବିଶ୍ୱ ମିତବ୍ୟୟିତା ଦିବସ । ଦର୍‌କାର୍ ଅନ୍‌ସାରେ ଖର୍ଚ୍ଚା କରିକରି ସଂଚୟକେ ଗୁଟେ ଅଭ୍ୟାସ୍ କର୍‌ବାର୍ ଲାଗି ଆଝିର୍ ଦିନେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ଇ ଦିନ୍ ପାଲନ୍ କରାଯାଏସି । ୧୯୪୨ ମସିହା ଆଝିର୍ ଦିନେ ଇଟାଲିର ମିଲାନ୍ ଠାନେ ପହେଲା ଆନ୍ତର୍ଜାତୀୟ ସଂଚୟ ବେଙ୍କ୍ କଂଗ୍ରେସ୍ ନ ବିଶ୍ୱ ସଂଚୟ ଦିବସ୍ ମୁଲ୍ ହେଇଥିଲା । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଗୁଟେ ବାର୍ତା ଦେଇକରି କହିଛନ୍ ଯେ, ମିତବ୍ୟୟିତା ଅବଲମ୍ବନ୍ କରିକରି ନିୟମିତ ସଂଚୟ ଜରିଏ ଆର୍ଥିକ୍ ସ୍ୱାବଲମ୍ବନତା ହାସଲ୍ କର୍‌ବାର୍‌ଟା ଆଝିର୍ ଦିନେ ସମସ୍ତଙ୍କର୍ ସଂକଳ୍ପ ହେଉ । ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କମ୍ ସମିଆ ଭିତ୍‌ରେ ଅଏତ୍‌କା ଅର୍ଥ ପାଏବାର୍ ଲାଳସାଥି କେନ୍‌ସି ଅଣସ୍ୱୀକୃତୀ ପ୍ରାପ୍ତ ଅର୍ଥ ଲଗାଣକାରୀ ସଂସ୍ଥାଥି ଟଙ୍କା ଖଟେଇକରି ଠକେଇଥି ନାଇଁ ପଡ୍‌ବାର୍‌କେ ରାଜ୍ୟବାସୀଙ୍କୁ ଅନୁରୋଧ୍ କରିଛନ୍ ।

ଦିଆଲୀ ଷ୍ଟଲ- ସମ୍ବଲପୁର ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଗୋଲ୍‌ବଜାର୍, ଲକ୍ଷ୍ମୀଟକିଜ୍ ଆର୍ ଆଶାପାଲି ସ୍କୁଲ୍ ପାଖେ ପ୍ରଦ୍ୟୁମ୍ନଶର୍ ଗ୍ରୁପ୍ ଆର୍ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନ୍‌କର୍ ୩ ଟା ଦିଆଲୀ ଷ୍ଟଲ୍ ଖୁଲାଯାଇଛେ । ଇ ଷ୍ଟଲ୍ ମାନ୍‌କେ ଦିଆଲି ଥି ବେଭାର୍ ହେଉଥିବା ମିଠା, କୁକିଜ୍, ଚକ୍‌ଲେଟ୍, ଉପହାର୍ ପେକ୍, ମହମ୍‌ବତୀ, ଅଗର୍‌ବତୀ, ଦୀପ, ତେଲ ବାଗିର୍ ଜିନିଷ୍ ବିକ୍ରି କରାଯାଉଛେ ।